## ସଂକ୍ଷେପରେ

### ଧାମନଗର, ଦୋବଲରୁ ହଟିଲା ୧୬୩ ଧାରା

ଧାମନଗର, ୯।୧୦(ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟକୁ ନେଇ ଭଦ୍ରକ ସହ ଧାମନଗର ଓ ଦୋବଲ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବର ୨୭ରୁ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଲାଗୁ କରାଯାଇଥିଲା। ଧାମନଗର ଥାନାଧିକାରୀଙ୍କ ରିପୋର୍ଟ ପରେ ବୁଧବାର ଭଦ୍ରକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଏନଏସି, ଦୋବଲ ଏବଂ ଏହାର ଆଖପାଖ ଅଞ୍ଚଳରୁ ୧୬୩ ଧାରା ଉଚ୍ଛେଦ କରାଯାଇଛି। ଦୁର୍ଗାପୂଜା ସମୟରେ ଉପଯୁକ୍ତ ପଦକ୍ଷେପ ନେବା ସହ ଯଦି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜେ କଡ଼ା ପଦକ୍ଷେପ ନେବାକୁ ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଫୁଟ୍‌ବଲ ଖେଳାଳି ହାଜି ଉସ୍‌ମାନୁଲଙ୍କ ପରଲୋକ

ଭଦ୍ରକ, ୯।୧୦(ସନାତନ ରାଉତ)



ଭଦ୍ରକ ସହର ପୁରୁଣାବଜାର ଅଞ୍ଚଳର ବିଶିଷ୍ଟ ଫୁଟବଲ ଖେଳାଳି, ସାମାଜିକକର୍ମୀ ତଥା ୨୩ ନଂ. ୱାର୍ଡ଼ କାଉନସିଲର ରେସ୍‌ମା ପରୱିନ୍‌ଙ୍କ ସ୍ୱାମୀ ହାଜି ଉସମାନୁଲ ହକ୍କ(୫୭)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ପୁରୁଣାବଜାର ହନିଫ୍ କ୍ଲବ ପାଖରେ ଉସମାନୁଲ ଠିଆ ହୋଇ ଟୋକା ଗଣେଶ ଭସାଣି ଶୋଭାଯାତ୍ରା ଦେଖୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଉସମାନୁଲ ରୋଭର୍ସ କ୍ଲବରେ ଜଣେ ଆଗଧାଡ଼ିର ଫୁଟବଲ ଖେଳାଳି ଭାବେ ପରିଚିତ ଥିଲେ। ତାଙ୍କ ଭଣଜା ଯୁବନେତା ଜାହିଦ୍ ହବିବ, ଭଣଜାବୋହୂ ପୌରାଧକ୍ଷା ଗୁଲମକ୍କୀ ଦଲାୱାଜି ହବିବ୍, ପୂର୍ବତନ ବିଧାୟକ ପ୍ରଫୁଲ୍ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୌରପାଳିକାର କାଉନସିଲର ଓ କର୍ମଚାରୀମାନେ ଶେଷଦର୍ଶନ କରିଥିଲେ।

### ୨ କରତକଳ ଉପରେ ଭିଜିଲାନ୍ସ ଚଢ଼ାଉ

ଧାମନଗର, ୯।୧୦(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ରେଞ୍ଜ ଅଧୀନ ଆନନ୍ଦପୁର ପଞ୍ଚାୟତ ଉତ୍ତେଇପୁର ଓ ଦାଣ୍ଡକୂଳଠାରେ ଥିବା ଦୁଇଟି ବେଆଇନ କରତକଳ ଉପରେ ବୁଧବାର କଟକ ଓ ବାଲେଶ୍ୱର ବନ ବିଭାଗ ପକ୍ଷରୁ ଭିଜିଲାନ୍ସ ଚଢାଉ କରାଯାଇଛି। କରତକଳରେ ବ୍ୟବହୃତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହିତ କାଠ ଜବତ ହୋଇଛି। ଚଢାଉରେ କଟକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ସହିତ ଧାମନଗର ରେଞ୍ଜର ସୁଷମା ସାହୁ, ବାସୁଦେବପୁର ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଚାନ୍ଦବାଲି ରେଞ୍ଜର ଓ ଫରେଷ୍ଟର ରାଜକିଶୋର ନାୟକ ପ୍ରମୁଖ ସାମିଲ ଥିଲେ। ୨ଟି ମାମଲା ରୁଜୁ କରାଯାଇଛି।

# ବିଦାୟ ନେଲେ ବାବା କାଞ୍ଚନ ଗଣେଶ

ଭଦ୍ରକ, ୯।୧୦(ସନାତନ ରାଉତ)



ବାବା କାଞ୍ଚନ ଗଣେଶଙ୍କୁ ଭସାଣି ପାଇଁ ନିଆଯାଉଛି।

ଭଦ୍ରକରେ ବୁଢ଼ା ଗଣେଶ, ପିଲା ଗଣେଶ, ଟୋକା ଗଣେଶ ଭସାଣି ପରେ ସହରର କୁଆଁସଠାରେ ଏକ ମାସ ଧରି ପୂଜା ପାଇ ଆସୁଥିବା ବାବା କାଞ୍ଚନ ଗଣେଶଙ୍କର ଭସାଣି ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ଆସିଥିବା ଅଘୋରି ନୃତ୍ୟ, ଦୁଲଦୁଲି ବାଜା, ମାଦଳ ବାଜା, ଘଣ୍ଟ ବାଜା ସମେତ ସିଂହବାଜା ଓ ପାରମ୍ପରିକ ନୃତ୍ୟବାଦ୍ୟରେ ଭଦ୍ରକ ସହର ପ୍ରକମ୍ପିତ ହୋଇଥିଲା। କୁଆଁସ ପୂଜା ମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସାଳନ୍ଦୀ ନଦୀର କୁଆଁସ ଘାଟରେ ବିସର୍ଜନ କରାଯାଇଥିଲା। ପୂଜା କମିଟିର ଉପଦେଷ୍ଟା ଆଶିଷ ରାଉତ, ଆଶୁତୋଷ ପଣ୍ଡା, କାର୍ତ୍ତିକ ମହାଳିକ, ରୁଦ୍ରନାରାୟଣ ଲେଙ୍କା, ଖଗେଶ୍ୱର ମହାଳିକ, ଚିରାଗ ଦେଶାଇ, ସୁନୀଲ ଜେନା, ଅଭିମନ୍ୟୁ ବେହେରା, ଅଜିତ୍ ମାଝୀ, ନିର୍ମଳ ଦାଶ, ତପେସ ଦାସଙ୍କ ତତ୍ତ୍ୱାବଧାନରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ମଡ଼କର୍ ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପିଙ୍କ ପରିଚାଳନାରେ ୧୫ ପ୍ଲାଟୁନରୁ ଊର୍ଦ୍ଧ୍ୱ ଫୋର୍ସ ମୁତୟନ ହୋଇଥିଲେ।

# ପିଏମ୍ କିଷାନ, ସିଏମ୍ କିଷାନ ସଚେତନତା



ସଚେତନତା ଗାଡ଼ିର ଶୁଭାରମ୍ଭ ହେଉଛି।

ଧାମନଗର, ୯।୧୦(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର କୃଷି କାର୍ଯ୍ୟାଳୟ ପକ୍ଷରୁ ଗ୍ରାମାଞ୍ଚଳର କୃଷକଙ୍କୁ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଓ ମୁଖ୍ୟମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାର ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇବା ପାଇଁ ସଚେତନତା ଗାଡ଼ି ବୁଲିବା ଆରମ୍ଭ କରିଛି। ସଚେତନତା ଗାଡ଼ି ବ୍ଲକ୍‌ର ୩୦ ପଞ୍ଚାୟତକୁ ୩ ଦିନରେ ବୁଲି ଯୋଜନାର ଆଭିମୁଖ୍ୟ, ନିୟମାବଳୀ ଓ ଆବଶ୍ୟକୀୟ ଦସ୍ତାବିଜ ବିଷୟରେ ସଚେତନତ କରାଇବ। ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ତୁରନ୍ତ ସିଏମ କିଷାନ ପାଇଁ ପଞ୍ଜିକରଣ କରିବା ଓ ପିଏମ କିଷାନ ପାଇଁ ଇ-କେୱାଇସି, ଜମିଜମା କାଗଜ ଦାଖଲ, ବ୍ୟାଙ୍କ ଖାତାରେ ଆଧାର ସଂଯୋଗ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଥିଲା। କୃଷକମାନେ ଜନସେବା କେନ୍ଦ୍ରରେ ପଞ୍ଜୀକୃତ କରାଇ ନିଜ ପଞ୍ଚାୟତ କୃଷି କର୍ମଚାରୀଙ୍କୁ ଅବଗତ କରେଇନେବେ। ଅଯଥା ଖର୍ଚ୍ଚ କରି କୃଷି କାର୍ଯ୍ୟାଳୟକୁ ନ ଆସିବା ପାଇଁ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଧାମନଗର ଗୋଷ୍ଠୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ମାନସ ରଞ୍ଜନ ସାହୁ, ରଶ୍ମିତା ମହାନ୍ତି, ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ପଣ୍ଡା, ଗ୍ରାମ୍ୟ କୃଷି କର୍ମଚାରୀ ଯୋଗଦେଇ ପ୍ରଚାର ଗାଡ଼ିର ଶୁଭାରମ୍ଭ କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଅବିନାଶ ଜେନା ପ୍ରମୁଖ ଏହି କାର୍ଯ୍ୟ ତଦାରଖ କରିଥିଲେ।

# ‘ଯୋଗ, ବ୍ୟାୟାମ ମାନସିକତାକୁ ସୁସ୍ଥ ରଖେ’




ମାନସିକ ସ୍ୱାସ୍ଥ୍ୟ ଦିବସରେ ଉପସ୍ଥିତ ଅତିଥି।

ଭଦ୍ରକ, ୯।୧୦(ସନାତନ ରାଉତ)

**ଭଦ୍ରକ ମହାବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସବୁ ଦେଶରେ ସଚେତନତା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଭଦ୍ରକ କଲେଜରେ ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସ ସହଯୋଗରେ ମନୋବିଜ୍ଞାନ ବିଭାଗ ପକ୍ଷରୁ ‘ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ’ ପାଳିତ ହୋଇଯାଇଛି। ମନୋବିଜ୍ଞାନ ବିଭାଗ ମୁଖ୍ୟ ଡ. ଅକ୍ଷୟ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସମ୍ମାନରେ କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ଶରୀରରେ ମସ୍ତିଷ୍କର ଗୁରୁତ୍ୱ ଓ ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧାପକ ଡ. ସୁବୋଧଚନ୍ଦ୍ର ମିଶ୍ର, ବାଣିଜ୍ୟ ବିଭାଗର ଡ. ପ୍ରଦୀପ କୁମାର ପ୍ରଧାନ, ଯୁବ ରେଡକ୍ରସର ଜିଲା କନ୍‌ଭେନର ସେକ୍ରେଟାରୀ ଡ. କମଳାକାନ୍ତ ଜେନା ଓ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସୁଦର୍ଶନ ଦାସ ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ କର୍ମକ୍ଷେତ୍ରରେ ସୁସ୍ଥ ମାନସିକ ଅବସ୍ଥାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପାଠପଢ଼ିବା ସହିତ ଯୋଗ, ବ୍ୟାୟାମ ଓ ସାମାଜିକ ସେବା ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜର ମାନସିକତାକୁ ସୁସ୍ଥ ରଖିପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କଲେଜର ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ଅଧାପକ ଗିରୀଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସୁଦେବପୁର ବିଡିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବାସୁଦେବପୁର, ୯।୧୦ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ପରିସରରେ ବୁଧବାର ଅପରାହ୍ନରେ ୨ ଜଣ ଯୁବକ ବିଡିଓ ସଞ୍ଜୀବ କୁମାର ସାହୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏନେଇ ବିଡିଓ ବାସୁଦେବପୁର ଥାନାରେ ଏତଲା ଦେଇଛନ୍ତି। ବିଡିଓଙ୍କୁ ଗାଳିଗୁଲଜ କରିବା ଘଟଣାକୁ ନେଇ ବ୍ଲକ ପରିସରରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ ଆରମ୍ଭ କରିବା ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଯୁବକ ଫେରାର ଥିବା ଜଣାପଡ଼ିଛି। ତେବେ ୱାର୍କଅର୍ଡର ଦେବାରେ ବିଳମ୍ବ ହେବା ଘଟଣାକୁ ନେଇ ଏହି ୨ ଯୁବକ ବିଡିଓଙ୍କୁ ଗାଳିଗୁଲଜ କରିଥିବା ଜଣାପଡ଼ିଥିବା ବେଳେ ଏହି ଘଟଣାକୁ ବିଡିଓ ସାହୁ ଅସ୍ୱୀକାର କରିବା ସହ ତାଙ୍କୁ ଦୁର୍ବ୍ୟବହାର କରାଯିବା ଘଟଣା ବାବଦରେ ସେ ଥାନାକୁ ଅବଗତ କରିଛନ୍ତି ବୋଲି କହିଛନ୍ତି।

# ‘ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ’




ସଭାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୯।୧୦(ରବିନାରାୟଣ ଖିଲାର)

ଖବର କୌଣସି ଦଳ ବା ବ୍ୟକ୍ତିର ମୁଖପାତ୍ର ହେବା ଉଚିତ ନୁହେଁ। ନିରପେକ୍ଷ ଖବର ପରିବେଷଣ ସମାଜକୁ ସୁସ୍ଥ ରଖିବାରେ ସହାୟକ ହୁଏ। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ସମ୍ବାଦପତ୍ର। ଯେଉଁ ଦେଶର ସମ୍ବାଦପତ୍ର ଯେତେ ନିରପେକ୍ଷ, ସେ ଦେଶର ଶାସନ ବ୍ୟବସ୍ଥା ସେତିକି ଶୃଙ୍ଖଳିତ ବୋଲି ବୁଧବାର ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଖବରଦାତା, ବୁଦ୍ଧିଜୀବୀ ସମାବେଶ ଓ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଖବରଦାତା ନୃସିଂହ ଚରଣ ଖିଲାରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବିଶିଷ୍ଟ ଅତିଥିଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟ ବକ୍ତାଭାବେ ଡିଏସ୍‌ପି ପ୍ରଭାତ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ କବି ଅଶୋକ ନାୟକ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ବରେଣ୍ୟ ଅତିଥିଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ଶିକ୍ଷକ ନେତା ପ୍ରଭାକର ପରିଡ଼ା, ଲେଖକ ଦୟାନିଧି ବେହୁରା, ଅଧକ୍ଷ ନିହାର ରଞ୍ଜନ କର, ଅଧାପକ ଅମରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କବୟିତ୍ରୀ ସଂଯୁକ୍ତା ବଳ, ଗୀତାରାଣୀ ଆଇଚ, ଦମୟନ୍ତୀ ରାଉତ, ଗୌରାଙ୍ଗ ବାରିକ, ମମତା ବଳ, ସଂଯୁକ୍ତା ଯାଦବ, ଜୟନ୍ତୀ କର ଶର୍ମା ପ୍ରମୁଖ ୫୦ ଜଣ କବି କବି ଓ କବୟିତ୍ରୀ ଯୋଗ ଦେଇଥିଲେ।

# ମାନସ ମଲ୍ଲିକଙ୍କ ଶ୍ରାଦ୍ଧୋତ୍ସବ




ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥିମାନେ।

ଧାମନଗର୯।୧୦(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ୧୨ତମ ଶ୍ରାଦ୍ଧୋତ୍ସବ ବୁଧବାର ଧୂଷୁରୀ ହସନାବାଦସ୍ଥିତ ହୃଦାନନ୍ଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳ ସମୟରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ଆଇନଜୀବୀ ଦେବାଶିଷ ସାମଲ ସଞ୍ଚାଳନ କରିଥିଲେ। ବିଧାୟକ ବ୍ୟୋମକେଶ ରାୟ, ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭଦ୍ରକ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଭଦ୍ରକ ବ୍ଲକ୍ ଅଧକ୍ଷା ଊର୍ମିଳା ନାୟକ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ୍ ଅଧକ୍ଷ ଅଶୋକ ନାୟକଙ୍କ ସମେତ ବହୁ ବିଶିଷ୍ଟ ନେତା ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କୁ ରାଜନୈତିକ ଜୀବନଧାରା ବିଷୟରେ ବକ୍ତବ୍ୟ ରଖିଥିଲେ। ଧୂଷୁରୀ ଜୋନ ଜିଲା ପରିଷଦ ସଭ୍ୟ ତଥା ସାନଭାଇ ପ୍ରଦୀପ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାନ ପୁଅ ଅମିତ କୁମାର ମଲ୍ଲିକ କୃତଜ୍ଞତା ଜ୍ଞାପନ କରିଥିଲେ।

## ୫୦ ଫୁଟ ଉଚ୍ଚ ବିଦ୍ୟୁତ୍ ଖୁଣ୍ଟରୁ ତଳକୁ ଖସି ପଡ଼ିଲେ ଯୁବକ

ଚାନ୍ଦବାଲି, ୯।୧୦(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ପୁରୁଲିଆ ଅଞ୍ଚଳର ଏହି ଯୁବକ ଜଣକ ନିଶାସକ୍ତ ଅବସ୍ଥାରେ ୫୦ ଫୁଟ ଉଚ୍ଚ ୧୩୨ କେଭି ଇଲେକ୍ଟ୍ରି ଖୁଣ୍ଟକୁ ଚଢ଼ି ଯାଇଥିଲେ। ଦେଖଣାହାରୀ ତାଙ୍କୁ ତଳକୁ ଓହ୍ଲାଇବାକୁ କହୁଥିବା ବେଳେ ସେ ବିଦ୍ୟୁତ୍ ତାରକୁ ଧରିବା ଫଳରେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଫଳରେ ସେ ୫୦ ଫୁଟ ଟାୱାର ଖୁଣ୍ଟରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧାମରା ଆଦାନୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସଂପୃକ୍ତ ଯୁବକ ଜଣକ ପଶ୍ଚିମବଙ୍ଗରୁ ଆସି ଧାମରା ଆଦାନୀ ପୋର୍ଟରେ ଠିକାଦାର ପାଖରେ ଅସ୍ଥାୟୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ଭଦ୍ରକ, ୯।୧୦(ସନାତନ ରାଉତ)

ବିଜେଡ଼ି ପକ୍ଷରୁ ଭଦ୍ରକ ଜିଲାରେ ବୁଧବାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଭଦ୍ରକ ଟାଉନହଲଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ବେଳେ ଜିଲାରେ ସର୍ବାଧିକ ସଭ୍ୟ ସଂଗ୍ରହ କରାଯିବ ଏବଂ ଆଗାମୀ ମ୍ୟୁନିସିପାଲଟି ଓ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରିବ ବୋଲି ଦଳୀୟ ନେତାମାନେ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ଘରକୁ ଘର ଯାଇ ସଭ୍ୟ ସଂଗ୍ରହ କରିବା ସହ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଜୟ ନାୟକ, ଜିଲା ପରିଷଦ ଉପାଧକ୍ଷା ଟୁନୀବାଳା ବିଶ୍ୱାଳ, ଭଦ୍ରକ ବ୍ଲକ ଅଧକ୍ଷା ଊର୍ମିଳା ନାୟକ, ତିହିଡ଼ି ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବିଦ୍ୟୁତ୍‌ଲତା ନାୟକ, ଭଦ୍ରକ ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ‘ସେବା, ତ୍ୟାଗ ଜୀବନର ବ୍ରତ ହେବା ଆବଶ୍ୟକ’

ତିହିଡ଼ି, ୯।୧୦(ସଞ୍ଜିତ ବଳ)

**ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠରେ ଗୋପବନ୍ଧୁ ଜୟନ୍ତୀ**

ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠରେ ବୁଧବାର ଉତ୍କଳମଣି ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହକୁ ଶିକ୍ଷାବିତ ଶୀତଳ କୁମାର ବେହେରା ସଞ୍ଚାଳନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ(ଏବିଇଓ) ଲକ୍ଷ୍ମୀପ୍ରିୟା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ଅବସରରେ ସେବା ଓ ତ୍ୟାଗ ସମସ୍ତଙ୍କ ଜୀବନରେ ବ୍ରତ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧାପିକା ସଞ୍ଜୁକ୍ତା ଭାରତୀ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ସ୍କୁଲର ଅଧକ୍ଷ ଗୋପାଳ ମହାପାତ୍ର, ପୁରୀ ସର୍ଭେ ସଂଘର ଉପଦେଷ୍ଟା ସୁପ୍ରଭା ମିଶ୍ର, ଅନ୍ୟତମ ଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ନାୟକ, ଶିକ୍ଷାବିତ ଗୋଲଖ ଚନ୍ଦ୍ର ରାଉତ, ନରେନ୍ଦ୍ର କୁମାର ସାମଲ, ହୃଦାନନ୍ଦ ପଣ୍ଡା, ପଞ୍ଚାନନ ପଲେଇ, ଇଂ. ଅଭୟ ସୂତାର, ଅନ୍ୟତମ ବକ୍ତା କୁଞ୍ଜବିହାରୀ ମହାପାତ୍ର, ଶଶଧର ନାୟକ, ଅଜୟ କୁମାର ସାହୁ, ଶଶଧର ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ୨୦୨୪ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ସାଇନା ପ୍ରହରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂଲିଶ, ଗଣିତ ଓ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଅଭିମନ୍ୟୁ ବେହେରା ଓ ମୁକୁନ୍ଦ ପଣ୍ଡା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଜୟ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ଶିକ୍ଷକ ସତ୍ୟାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଦିଲୀପ ଆଚାର୍ଯ୍ୟ, କାଦମ୍ବିନୀ ଧଳ, ପ୍ରଜ୍ଞାଭାରତୀ ରାଉତ, ବିଶ୍ୱନାଥ ମାଝୀ, ବାସନ୍ତୀ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ‘ଝିଅ, ପୁଅ ଭିତରେ ପାନ୍ତରଅନ୍ତର କରିବା ନାହିଁ’

ଭଦ୍ରକ, ୯।୧୦(ସନାତନ ରାଉତ)

**ଜିଲାସ୍ତରୀୟ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ**

ନାରୀ ହିଁ ସକଳ ଶକ୍ତିର ଆଧାର। ପୁରୁଷମାନେ ଶୈଶବରେ ମା’ ଉପରେ, ଯୌବନରେ ସ୍ତ୍ରୀ ଉପରେ, ବାର୍ଦ୍ଧକ୍ୟରେ ପୁତ୍ରବଧୂ, କନ୍ୟା ଉପରେ ଏହିପରି ସାରାଜୀବନ ମହିଳା ଉପରେ ନିର୍ଭରଶୀଳ। ତଥାପି ଶିଶୁ କନ୍ୟାର ସୁରକ୍ଷା ଆଜି ଚିନ୍ତାଜନକ। ଆଜିର ଦିନରେ ଝିଅଟିଏ ସବୁ କ୍ଷେତ୍ରରେ ପୁଅଠାରୁ ଆଗୁଆ। ଝିଅ ପୁଅ ମଧ୍ୟରେ ଆମେ ପାତର ଅନ୍ତର ରଖିବା ନାହିଁ ବୋଲି ସଂସ୍କୃତି ଭବନରେ ଆୟୋଜିତ ଭଦ୍ରକ ଜିଲାସ୍ତରୀୟ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ବାସୁଦେବପୁର ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଚାନ୍ଦବାଲି ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀ, ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଅକ୍ଟୋବର ୨ରୁ୧୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ଦିବସକୁ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରରେ ଅକ୍ଟୋବର ୯ରେ ପାଳନ କରାଗଲା। ଶିଶୁ କନ୍ୟାଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ମୌଳିକ ଅଧିକାର ନେଇ ସମୃଦ୍ଧ ଜୀବନ ଗଠନ ପାଇଁ ପ୍ରତ୍ୟେକ ପରିବାରକୁ ସଚେତନ କରିବା ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ମଧ୍ୟ ଅତିଥି ଆଲୋକପାତ କରିଥିଲେ। ଭ୍ରୁଣହତ୍ୟା ନିଷେଧ ନେଇ ସମସ୍ତ ମା’, ବାପା ସଚେତନ ହେବା ଆବଶ୍ୟକ। ଶିଶୁ କନ୍ୟା ପ୍ରତି ନିର୍ଯ୍ୟାତନା କି ଅବହେଳା ଆଦୌ ଗ୍ରହଣୀୟ ନୁହେଁ ବୋଲି ଆଲୋଚନା କରାଯାଇଥିଲା। ବିଶେଷ ସଫଳତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ଅଧାପିକା ସାହିତ୍ୟିକା ରାଧାରାଣୀ ମହାପାତ୍ର, ମୁକ୍ତାଶୟ ଶିଶୁ ଯତ୍ନ ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ସମାଜସେବା ପାଇଁ ଯମୁନାଲାଲ ବଜାଜ୍ ପୁରସ୍କାର ପାଇଥିବା ସେଖ୍ ସୋଫିଆ, ଉଦ୍ୟୋଗ ପତି ଏମ୍‌ବିକେ ମହିଳା କମଳା ମିଶ୍ର, ସ୍ୱର୍ଣ୍ଣପଦକ ବିଜେତା କ୍ରୀଡ଼ାବିତ୍ ସ୍ମୃତିରେଖା ସେଠୀ, ସ୍ୱେଚ୍ଛାସେବୀ ଦିପ୍ତୀମୟୀ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ କନ୍ୟା ସୁରକ୍ଷା ନେଇ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି ସମସ୍ତଙ୍କୁ ଶପଥ ପାଠ କରାଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ସେକ୍ ଶିରାଜ ଅକତର, ଜିଲା ବାଲ୍ୟ ବିବାହ ନିଷେଧ ସଂଯୋଜକ ପ୍ରଦ୍ୟୁତରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସମ୍ବର୍ଦ୍ଧିତ ମହିଳାଙ୍କ ସହ ଅତିଥିମାନେ।

## ସଂକ୍ଷେପରେ

### ନୂତନ କୁଳସଚିବଙ୍କ ଦାୟିତ୍ୱ ଗ୍ରହଣ

#### ଧରଣୀଧର ବିଶ୍ୱବିଦ୍ୟାଳୟ

କେନ୍ଦୁଝର,୯ା୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ନବଗଠିତ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଦୁଃଖବନ୍ଧୁ ନାୟକ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମାରୋହର ଆୟୋଜନ କରାଯାଇଥିଲା। ଉପ-କୁଳସଚିବ ଡଃ ବିଶ୍ୱରଞ୍ଜନ ଧଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୁଳସଚିବ ଦାୟିତ୍ୱରେ ଥିବା ନରେନ୍ଦ୍ର ସାହୁଙ୍କୁ ଏହି ଅବସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂଆ କୁଳସଚିବଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନାର ଉତ୍ତରରେ ନବ ନିଯୁକ୍ତ କୁଳସଚିବ ଉପସ୍ଥିତ ସମସ୍ତଙ୍କୁ ଅଭିବାଦନ ଜ୍ଞାପନ କରିବା ସହିତ ଐକ୍ୟବଦ୍ଧ ହୋଇ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଧରଣୀଧର ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରଭାବେ ଯେତିକି ଗୌରବ ଅନୁଭବ କରୁଥିଲି ଏବେ ତାହା ଦ୍ୱିଗୁଣିତ ହୋଇଛି। ଆବେଗର ସହ ନିଜ ଜିଲା, ନିଜ ଅନୁଷ୍ଠାନର ସେବା କରିବେ ବୋଲି କହିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର ଜନ ସମ୍ପର୍କ ଅଧିକାରୀ ସୁଧାକର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ଅକାଳ ବିୟୋଗ

ପାଟଣା,୯ା୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲିପଶି ଗ୍ରାମର ରତ୍ନାକର ରଣା (୫୨)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ରତ୍ନାକର ବେଗୁନା ଖମଣ ବୈତରଣୀ ନଦୀକୁ ବାଲି ଆଣିବା ପାଇଁ ଟ୍ରାକ୍ଟର ନେଇ ଯାଇଥିଲେ। ସେଠାରେ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ପୁଅ ଦିପୁ ମୁଖାଗ୍ନି ଦେଇଛନ୍ତି। ତାଙ୍କ ଅକାଳ ବିୟୋଗରେ ସାମାଜିକ କର୍ମୀ ପାର୍ଥ ସାରଥୀ ବେଜ, ଅରୁଣ ବେଜ, ଅନାଦି ମହାନ୍ତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ଜିଲା ପରିବହନ ପରିଚାଳକଙ୍କ କାର୍ଯ୍ୟାଳୟ

କେନ୍ଦୁଝର,୯ା୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

- ବର୍ଷାରେ ପାଣିଗଳି ଫାଇଲ ନଷ୍ଟ ହେଉଛି
- ଯାତ୍ରୀଙ୍କୁ ମୌଳିକ ସୁବିଧା ମିଳୁନି
- ନବୀକରଣ କରିବାକୁ ଦାବି

କେନ୍ଦୁଝର ଜିଲା ସଦର ମହକୁମା ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଜିଲା ପରିବହନ ପରିଚାଳକଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଟାଇଲ ଅଧା ଭାଙ୍ଗିଯାଇଥିବା ବେଳେ କାନ୍ଥରୁ ପାଣିଗଳି ଗୃହ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ବ୍ଲକ୍ ମୁଖ୍ୟାଳୟରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇ ସମସ୍ତ ସୁବିଧା ଯୋଗାଇଦିଆଯାଇଛି। ମାତ୍ର ଜିଲା ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ତଥା ଜୋନ୍ ଅଫିସ ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସ୍ଥାନୀୟ ନିବାସୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି।

ପ୍ରକାଶ ଯେ, ଦୀର୍ଘ ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ କେନ୍ଦୁଝର ଜୋନ୍ ଏକଦା ରାଜ୍ୟର ଶ୍ରେଷ୍ଠ ଜୋନ୍ ଭାବେ ପରିଗଣିତ ହୋଇ ଆସୁଥିଲା। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁ ରୁଗ୍‌ଣ ହୋଇପଡ଼ିଛି। ଏହି ସ୍ଥାନରୁ ପଡ଼ୋଶୀ ଟାଟା, କୋଲକାତାକୁ ବସ୍ ଯାତାୟାତ କରିଥାଏ। ଏହା ସହିତ ସରକାରଙ୍କ ବସ୍ ସେବା ଏହା ଅଧୀନରେ ଆରମ୍ଭ ହୋଇଛି। ଏହା ସତ୍ତ୍ୱେ ବସ୍‌ଷ୍ଟାଣ୍ଡ ଓ ଅଫିସର ନବୀକରଣ କରାଯାଉନାହିଁ। ଯାତ୍ରୀଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦିଆଯାଉନାହିଁ ବୋଲି ସାମାଜିକ କର୍ମୀ ଗୁଲାବ ଅଖତର କହିଛନ୍ତି। ଜିଲା ସଦର ମହକୁମାର ମଧ୍ୟଭାଗରେ ଥିବା ଏହି ବହୁ ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ଓ ନିଗମ କାର୍ଯ୍ୟାଳୟ ମରାମତି ଅଭାବରୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ଯାତ୍ରୀଙ୍କ ପାଇଁ କୌଣସି ସରକାରୀ ବସ୍‌ଷ୍ଟାଣ୍ଡ ଭଳି ସୁବିଧା ନାହିଁ କିମ୍ବା ଗାଡ଼ି ଚାଳକ ତଥା ଅନ୍ୟ କର୍ମଚାରୀଙ୍କ ପାଇଁ ସୁବିଧା ନାହିଁ। ସେହିପରି ଏହାର କାର୍ଯ୍ୟାଳୟଟି ମଧ୍ୟ ଅସୁରକ୍ଷିତ ଘରେ ଚାଲିଛି। ବର୍ଷାଦିନେ ପାଣି ଗଳୁଛି। ଉନ୍ନତି ପାଇଁ କାହାରି ନଜର ପଡୁନାହିଁ। ଯାତ୍ରୀଙ୍କ ପାଇଁ ଉପଯୁକ୍ତ ପାର୍କିଂ ନ ଥିବାରୁ ଲୋକେ ବାଇକ ଓ କାରଗୁଡ଼ିକୁ ଏଣେତେଣେ ରଖିବାକୁ ବାଧ ହେଉଛନ୍ତ। ବସ୍‌ଷ୍ଟାଣ୍ଡ ପରିସରରେ ପରିସ୍ରାଗାର, ପାନୀୟ ଜଳ ସୁବିଧା ପରି ମୌଳିକ ସୁବିଧା ମଧ୍ୟ ନାହିଁ। ବର୍ଷା ସମୟରେ ପାଣିଗଳି କାଗଜପତ୍ର ନଷ୍ଟ ହେଉଛି। କେତେବେଳେ ଘର କାନ୍ଥ ଟଳିପଡ଼ିବ କହି ହେବନାହିଁ। ଏଠାରେ ଥିବା ଗ୍ୟାରେଜଟି ମଧ୍ୟ କର୍ମଚାରୀ ତଥା ଉନ୍ନତିକରଣ ଅଭାବରୁ ଅବହେଳିତ ହୋଇ ରହିଛି। ଏଥିସହ ଏଠାରେ ବହୁ ବର୍ଷ ଧରି କାମ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ କରାଯାଉ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


ଜିଲା ପରିବହନ ପରିଚାଳକଙ୍କ କାର୍ଯ୍ୟାଳୟ।

ସହରର ପ୍ରମୁଖ ସ୍ଥାନରେ ଏହି ବସ୍‌ଷ୍ଟାଣ୍ଡ ଓ ଅଫିସ ଥିବାରୁ ଏହାର ବିକାଶ କରାଯାଇ ଏହା ଅଧୀନରେ ମାର୍କେଟ କମ୍ପ୍ଲେକ୍ସ, ସିନେମା ହଲ, ହୋଟେଲ ବ୍ୟବସ୍ଥା କଲେ ସୌନ୍ଦର୍ଯ୍ୟ ବୃଦ୍ଧି ସାଙ୍ଗକୁ ଏହା ଅଧିକ ଲାଭଜନକ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ସରକାର ତୁରନ୍ତ ପୁରୁଣା ଘରକୁ ଭାଙ୍ଗି ବହୁବିଧ ସୁବିଧାଯୁକ୍ତ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରି ପାର୍କିଂ ବ୍ୟବସ୍ଥା, ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳ ପରି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଭୁବନେଶ୍ୱରଠାରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ୫୧ ବର୍ଷରେ କାନପୁର ଦୁର୍ଗାପୂଜା

ରାମଚନ୍ଦ୍ରପୁର,୯ା୧୦(ଗଣେଶ୍ୱର ସା)



କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ କାନପୁର ଗ୍ରାମରେ ଥିବା ମା' ଦୁର୍ଗାଙ୍କ ପୀଠ ଓ ପୂଜା ମଣ୍ଡପରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଶକ୍ତି ଉପାସନା ପୀଠ ଭାବେ ପରିଚିତ କାନପୁର ଗ୍ରାମରେ ପ୍ରତିବର୍ଷ ମା'ଙ୍କ ପୀଠ ଅନୁସାରେ ଉଭୟ ପୀଠ ଓ ପୂଜା ମଣ୍ଡପରେ ପୂଜା କରାଯାଇଥାଏ। ୧୯୭୩ରୁ ସ୍ୱର୍ଗତ ଗୌରାଙ୍ଗ ଚକ୍ରଙ୍କ ଉଦ୍ୟମକ୍ରମେ ଗ୍ରାମବାସୀଙ୍କ ଦ୍ୱାରା ମା'ଙ୍କ ପୂଜା ଉତ୍ସବକୁ ପାଳନ କରାଯାଉଛି। ଚଳିତ ବର୍ଷ ୫୧ ବର୍ଷରେ କାନପୁର ଦୁର୍ଗା ପୂଜା ପଦାର୍ପଣ କରୁଥିବା ବେଳେ କମିଟି ପକ୍ଷରୁ ୬ ଦିନ ବ୍ୟାପି ମା'ଙ୍କ ପୂଜା ପାଳନ କରାଯାଉଛି। ସକାଳୁ ଚଣ୍ଡୀ କଳସ, ଘଟ କଳସ ଓ ଶତାଧିକ ମାନସିକଧାରୀ କଳସ ଉତ୍ତୋଳନ କରି ଗ୍ରାମ ପରିକ୍ରମା କରାଯିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ପୁରୋଧା କୁଳଗୁରୁ ସାରଙ୍ଗଧର ନନ୍ଦ ଓ ବ୍ରଜକିଶୋର ଦାସଙ୍କ ତତ୍ତ୍ୱାବଧାନରେ ପୂଜା ପରିଚାଳିତ ହେଉଛି। ଗ୍ରାମର ଚିନ୍ତାମଣି ଚକ୍ର ଓ ତାଙ୍କ ସ୍ତ୍ରୀ ଗୀତାରାଣୀ ଚକ୍ର ପୂଜା ସଂକଳ୍ପ କାର୍ଯ୍ୟ ନିର୍ବାହ କରିଥିଲେ। କମିଟି ପକ୍ଷରୁ ୬ ଦିନ ବ୍ୟାପୀ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ଦେବୀ ମଣ୍ଡପରେ ୬ଷ୍ଠୀ ବେଲବରଣୀ ପୂଜା

ଢେଙ୍କିକୋଟ,୯ା୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରରେ ପାର୍ବଣର ମାହଲ ଖେଳିଯାଇଛି। ଢେଙ୍କିକୋଟ ଦେବୀ ମଣ୍ଡପ ସଜେଇ ହୋଇଥିବା ବେଳେ ମାଆଙ୍କ ୬ଷ୍ଠୀ ବେଲବରଣୀ ପୂଜାର୍ଚ୍ଚନା ଯଥାବିଧି ଅନୁଯାୟୀ ଆରମ୍ଭ ହୋଇଛି। ଢେଙ୍କିକୋଟ ଦେବୀ ମଣ୍ଡପରେ ସଂକଳ୍ପଧାରୀ ଗୌରୀଶଙ୍କର ମୁଦୁଡ଼ାଙ୍କ ଦ୍ୱାରା ସଂକଳ୍ପର ଆରମ୍ଭ କରାଯାଇଛି। ଦେବୀ ମଣ୍ଡପ ପୂଜା କମିଟିର ସଭାପତି ଚିତ୍ତରଞ୍ଜନ ସାହୁଙ୍କ ବଗିଚାରେ ଥିବା ବେଲ ଗଛ ମୂଳରେ ଯଥାବିଧି ପୂଜାପାଠ କରାଯାଇ ଗଛରେ ଥିବା ଯୋଡ଼ା ବେଲକୁ ଅଣାଯାଇଛି। ଭଦ୍ରକର ପୂଜକ ପ୍ରଦୀପ ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ରମାକାନ୍ତ ପଣ୍ଡା, ଢେଙ୍କିକୋଟର ଓମ ପ୍ରକାଶ ଶତପଥି ଗାୟତ୍ରୀ ମନ୍ତ୍ର ପାଠ କରି ପାର୍ବଣର ମାହୋଲକୁ ଭକ୍ତିମୟ ପରିବେଶ ସୃଷ୍ଟି କରିଛନ୍ତି। ଗୁରୁବାର ମାଆଙ୍କ ଘଟ କଳସ ନବ ପତ୍ରିକା ଅଣାଯାଇ ଦେବୀ ମଣ୍ଡପରେ ସପ୍ତମୀ ପୂଜାରମ୍ଭ କରାଯିବ ବୋଲି ମୁଖ୍ୟ ପୂଜକ ପ୍ରଦୀପ ପଣ୍ଡା ପ୍ରକାଶ କରିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମଥିବା କମିଟିର ଉପଦେଷ୍ଟା ଉତ୍ତମ ନାୟକ ପ୍ରକାଶ କରିଛନ୍ତି।

## ରାଜପଥରେ ବେଆଇନ ଭାରିଯାନ ପାର୍କିଂ

**ଡିଭାଇଡର ବି ଛାଡୁନାହାନ୍ତି**

ବଡବିଲ, ୯ା୧୦(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥରେ ବେଆଇନ ଭାବେ ଭାରିଯାନ ପାର୍କିଂ ବଢୁଛି। ଏଥିସହ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୈନନ୍ଦିନ ଯାତାୟାତରେ ନାହିଁ ନ ଥିବା ଅସୁବିଧା ସହ ଦୁର୍ଘଟଣାର କାରଣ ସାଜୁଛି। ଭାରିଯାନଗୁଡ଼ିକ ଜାତୀୟ ରାଜପଥର ୨ ରାସ୍ତା ମଝିରେ ଥିବା ଡିଭାଇଡରକୁ ଡେଇଁ ଅପରପାର୍ଶ୍ୱକୁ ଅନାୟାସରେ ପାର ହେଉଥିବା ଦେଖିବାକୁ ମିଳୁଛି। ଭଦ୍ରାସାହି ଛକ ନିକଟରେ ଜାତୀୟ ରାଜପଥର ଫ୍ଲାଏ ଓଭରକୁ ଲାଗି ରହିଥିବା ଆପ୍ରୋଚ ରୋଡ୍ ଉପରେ ଦୈନିକ ଭାରୀଯାନ ପାର୍କିଂ ହେଉଛି। ସେଠାରେ ନିୟୋଜିତ ପୋଲିସ କର୍ମଚାରୀ ବେଆଇନ ପାର୍କିଂ କରିଥିବା ଭାରିଯାନଗୁଡ଼ିକୁ ହଟାଇବା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବଡ ପରିତାପର ବିଷୟ ହୋଇଛି। ଅନେକ ଭାରିଯାନ ରାସ୍ତାର ଅପରପାର୍ଶ୍ୱକୁ ଯିବାକୁ ଛକ ପାଖକୁ ନ ଯାଇ ଡିଭାଇଡରକୁ ଡେଇଁ ଯାତାୟାତ କରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିମନ୍ତେ ସଜାଗ ହେବାକୁ ସାଧାରଣରେ ଦାବି ହୋଇଛି।



## ପୌରଅଧିକାରୀ ଭାବେ ପ୍ରତୀକ୍ଷା ଅଗ୍ରୱାଲ ଯୋଗଦେବେ

ଆନନ୍ଦପୁର,୯ା୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରକାର୍ଯ୍ୟାଳୟରେ ପୌର ଅଧିକାରୀ ଭାବେ ଯୋଗଦେବେ ମହିଳା ଆଇଏଏସ ପ୍ରତୀକ୍ଷା ଅଗ୍ରୱାଲ। ହାଉସିଂ ଏବଂ ସହର ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା ୨୦୮୫୯ ଅନୁଯାୟୀ, ଆଇଏଏସ(ପି)୨୦୨୩ ବ୍ୟାଚ୍ ପ୍ରତୀକ୍ଷା ଅଗ୍ରୱାଲ ୨୭ ସେପ୍ଟେମ୍ବର ୨୦୨୪ ରୁ ୧୭ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ୩ ସପ୍ତାହ ପାଇଁ ସେ ଆନନ୍ଦପୁର ପୌର ଅଧିକାରୀ ଭାବେ ଦାୟିତ୍ୱରେ ରହିବେ। ତାଙ୍କ ଉପସ୍ଥିତ ସମୟରେ ଆନନ୍ଦପୁରର କାର୍ଯ୍ୟରତ ପୌରଅଧିକାରୀ ସହକାରୀ ପୌରଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା

ଛେନାପଦି,୯ା୧୦(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଇଞ୍ଜୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାମାଜିକ ନ୍ୟାସ ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଯାଇଛି। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଉମାକାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବିଜୟ ସାହୁ ପ୍ରତ୍ୟକ୍ଷ ପରିଚାଳନା କରିଥିଲେ। ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହେବା ସହ ଜଙ୍ଗଲ ସମ୍ପଦ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ସହାବସ୍ଥାନ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



## ମୟୂରଭଞ୍ଜ

### ନଦୀରୁ ମିଳିଲା ନବଜାତ ଶିଶୁ ମୃତଦେହ

ଉଦଳା,୯ା୧୦(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା କଇଁସାରି ଜାମୁଘାଟ ପୋଲ ନିକଟ ଦେଓ ନଦୀରୁ ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ମିଳିଛି। ଶିଶୁଟି ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଉଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ତେବେ ଶିଶୁ ପୁତ୍ର ଜନ୍ମ ହେବା ପରେ କେହି ତାକୁ ନଦୀରେ ପକାଇ ଦେଇଥିବା ଅନୁମାନ କରାଯାଉଛି। ତେବେ କିଏ ଏବଂ କ'ଣ ପାଇଁ ଏଭଳି କାଣ୍ଡ ଭିଆଇଛି ତାହାର ତଦନ୍ତ କରୁଛି ପୋଲିସ।

### ବାଙ୍ଗିରିପୋଷି ଶିଶୁମନ୍ଦିରରେ ଉତ୍କଳମଣିଙ୍କ ଜୟନ୍ତୀ

ବାଙ୍ଗିରିପୋଷି,୧୦ା୯(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲୀଳାବତୀ ଟୁଂ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟା ସୁଲତା ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ ଓ ସେବିକାମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ୨ ବାଇକ୍ ଚାଳକ ଗୁରୁତର

ଖାରପୋଖରିଆ,୯ା୧୦(ହରେକୃଷ୍ଣ ଦାସ)

ଖାରପୋଖରିଆ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ସଂକୁଚା ନିକଟରେ ଦୁର୍ଘଟଣାରେ ୨ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭୋଲାଗଡ଼ିଆ ଗାଁର ଚାଣ୍ଡେ ମୁର୍ମୁ ଓ ଗଗନ ମାରାଣ୍ଡି। ଭୂମିକା ଚକ୍ଷୁ ହସ୍ପିଟାଲର ଏକ ମ୍ୟାଜିକ୍ ଭ୍ୟାନ୍ ବମ୍ବେଛକ ଅଞ୍ଚଳରୁ ବାରିପଦା ଅଭିମୁଖେ କେତେଜଣ ଲୋକଙ୍କୁ ନେଇ ଯାଉଥିବା ବେଳେ ରାସ୍ତା ଅତିକ୍ରମ କରୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ମ୍ୟାଜିକ୍‌ରେ ଥିବା ଅମଲ ଜେନା, ଦିଲ୍ଲୀପ ଦାସ, ମାଧବ ପାଳ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଖାରପୋଖରିଆ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି।

# ମୁଖ୍ୟ ଆକର୍ଷଣ ରାବଣପୋଡ଼ି

ବାଙ୍ଗିରିପୋଷି,୯ା୧୦(ସଞ୍ଜୟ କୁମାର ଅଗ୍ରୱାଲା)

ମା'ଙ୍କ ପୂଜା ପାଇଁ ମନ ଥିଲେ ବି ଧନ ନ ଥିଲା। ଆଦାୟ ହେଉଥିବା ଧାନ,ଚାଉଳ ବିକି କରାଯାଇଥିଲା ପୂଜା ଆୟୋଜନ। ପ୍ରଥମେ ଫଟୋ ରଖାଯାଇ ମା'ଙ୍କୁ ଆରାଧନା କରାଯାଇଥିଲା। ହେଲେ ୧୦୫ ବର୍ଷ ଭିତରେ ବଦଳିଛି ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦୁର୍ଗାପୂଜା କମିଟି ସ୍ଥିତି। ନିର୍ମାଣ ହୋଇଛି ସ୍ଥାୟୀ ମଣ୍ଡପ। ଆଡ଼ମ୍ବର ସହ ବ୍ୟୟ ହେଉଛି ଲକ୍ଷାଧିକ ଟଙ୍କା। ଚଳିତବର୍ଷ ଜାକଜମକରେ ପୂଜା କରିବା ପାଇଁ ପ୍ରସ୍ତୁତି ଚାଲିଛି। ମୂର୍ତ୍ତି, ମେଢ଼ ଓ ତୋରଣ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚଳିତ ଥର ବାଙ୍ଗିରିପୋଷି ଦୁର୍ଗାପୂଜା କମିଟି ୧୦ ଲକ୍ଷ ଟଙ୍କାର ବଜେଟ ରଖିଛି ।


ନିର୍ମାଣ ହୋଇଥିବା ତୋରଣ।

ଚିତ୍ତାକର୍ଷକ ରାବଣ ପୋଡ଼ି ଉତ୍ସବ ପାଇଁ ୪୦ ଫୁଟ ଉଚ୍ଚତାର ରାବଣ ପିତୁଳା ପ୍ରସ୍ତୁତ କରାଯାଇଛି। ଏହା ହିଁ ପୂଜାର ପ୍ରମୁଖ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ପ୍ରତିବର୍ଷ ପରି ଚଳିତବର୍ଷ ମଣ୍ଡପରେ ମା' ବନଦୁର୍ଗାଙ୍କ ମୂର୍ତ୍ତି ଶୋଭା ପାଇବ। ପୂଜା ପାଠ ଉପରେ ଅଧିକ ଧ୍ୟାନ ଦିଆଯିବ। ଏହି ପୂଜାରେ ବାଙ୍ଗିରିପୋଷି ବଜାର ସମେତ ଆଖପାଖ ଅଞ୍ଚଳର ବ୍ୟବସାୟୀମାନେ ସହଯୋଗ କରିଥାନ୍ତି। ଅଞ୍ଚଳବାସୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମୂର୍ତ୍ତି ଓ ମେଢ଼ ସାଜସଜ୍ଜାକୁ ଆକର୍ଷଣୀୟ କରିବାକୁ ସମସ୍ତ ବ୍ୟବସ୍ଥା ହୋଇଛି। ସେହିପରି ଆକର୍ଷଣୀୟ ସାଜସଜ୍ଜା ସହ ୫୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

ବାରିପଦା,୯ା୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ବର୍ଷାରେ ଭିଜିଲେ ମହିଳା

ବାରିପଦା ଛଉ ପଡ଼ିଆଠାରେ 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ରାଶି ବଣ୍ଟନ ସଭାସ୍ଥଳୀରେ ନିର୍ମିତ ଟେଣ୍ଟରୁ ତମ୍ବୁ ଖସିଯାଇଥିଲା। ଫଳରେ ପ୍ରବଳ ବର୍ଷାରେ ମହିଳାମାନେ ଭିଜିଥିଲେ। ଛଉ ପଡ଼ିଆଟି ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ଲୋକେ ପାଣି କାଦୁଅରେ ପାର୍ ହୋଇ ମୁଖ୍ୟ ରାସ୍ତାରେ ପହଞ୍ଚିଥିଲେ।

### ନୂଆ ସରକାରରେ ପୁରୁଣା ପ୍ରତିଶ୍ରୁତି

ବାରିପଦା ସହରର ଦୁଃଖ ବୁଢ଼ାବଳଙ୍ଗ ନଦୀ। ବର୍ଷା ଦିନେ ଉଦ୍‌ବୃତ୍ତ ବନ୍ୟାଜଳ ସହର ମଧ୍ୟକୁ ପ୍ରବେଶ କରି ବ୍ୟାପକ କ୍ଷତି ଘଟାଇଥାଏ। ଦୀର୍ଘ ୧୫ବର୍ଷ ଧରି ନଦୀରେ ଆଡିବନ୍ଧ ନିର୍ମାଣ କରିବାକୁ ନେଇ ପୂର୍ବ ବିଜେଡି ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଥିଲେ। ମାତ୍ର ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ମାତ୍ର ବୁଧବାର ସୁଭଦ୍ରା ଯୋଜନା ସଭାରେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁନର୍ବାର ଆଡ଼ିବନ୍ଧ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ସରକାରଙ୍କ ଏହା ପୁରୁଣା ପ୍ରତିଶ୍ରୁତି ବୋଲି ଜିଲାବାସୀ ଆଲୋଚନା କରୁଛନ୍ତି ।

### ସୁଭଦ୍ରା ଯୋଜନାର ସତ୍ୟତା ପ୍ରମାଣିତ

'ସୁଭଦ୍ରା' ଯୋଜନାର ସତ୍ୟତାକୁ ସରକାର ପ୍ରମାଣିତ କରିଛନ୍ତି। ବାରିପଦା ଛଉ ପଡ଼ିଆସ୍ଥିତ ସଭାରେ ଯୋଜନାର ପ୍ରଥମ ଆବେଦନକାରୀ ଓ ୧କୋଟି ସଂଖ୍ୟାରେ ଆବେଦନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯାହାକି ଯୋଜନାର ସତ୍ୟାକୁ ପ୍ରମାଣିତ କରୁଛି।

## ବିଜୟ ଉତ୍ସବ ପାଳିଲେ ଭାଜପା କର୍ମୀ

ମୋରଡ଼ା,୯ା୧୦(ସ୍ମାରକ ମାଜୀ)

ହରିୟାଣା ରାଜ୍ୟରେ ଭାରତୀୟ ଜନତା ପାର୍ଟି ୪୮ ଆସନରେ ସଫଳତା ହାସଲ କରି ହ୍ୟାଟ୍ରିକ ବିଜୟ ହାସଲ କରିଛି। ଏହି ଖୁସିରେ ମୟୂରଭଞ୍ଜ ଜିଲା ମୋରଡ଼ା ଭାଜପା ପକ୍ଷରୁ ମଙ୍ଗଳବାର ରାତିରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚିତ୍ରଡ଼ା ଶୀର୍ଷାପାଳ ଛକରେ ଭାଜପା କର୍ମୀମାନେ ବାଣ ଫୁଟାଇବା ସହିତ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ। ମଣ୍ଡଳ ସଭାପତି ପ୍ରକାଶଚନ୍ଦ୍ର ମହାନ୍ତ, ସମ୍ପାଦକ ପ୍ରକାଶ ଜେନା, ଛତିଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।


ଭାଜପା କର୍ମକର୍ତ୍ତା ଓ କର୍ମୀମାନେ ଖୁସି ମନାଉଛନ୍ତି।

# ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ

ବାରିପଦା,୯ା୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାରଠାରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ବାରିପଦାର ଦାରୋଗାଡାହିସ୍ଥିତ ନର୍ମଦା ଗାର୍ଡେନଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ଭିଡିଓ କନଫରେନ୍ସ ଜରିଆରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୁଇ ମାସ ଧରି ଏହି ସଦସ୍ୟ ସଂଗ୍ରହ ଅଭିଯାନ ଜାରି ରହିବ। ବାରିପଦାଠାରେ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ପୌରହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତି କର୍ମୀଙ୍କ ଘରକୁ ଘର ଯାଇ ସଦସ୍ୟ ସଂଗ୍ରହ କାର୍ଯ୍ୟ କରିବାକୁ ସୁଦାମ ଆହ୍ୱାନ ଦେଇଥିଲେ।


ବୈଠକରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ।

ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ ସଦର ସଭାପତି କାଶୀନାଥ ହେମ୍ବ୍ରମ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ରଞ୍ଜିତା ମାର୍ଣ୍ଡି, ରାଇସେନ ମୁର୍ମୁ, ଡା ଦେବାଶିଷ ମାର୍ଣ୍ଡି, ସଂଯୋଜକ ପ୍ରଭାତ ନାୟକ, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଉପ ନଗରପାଳ ସୀମା ଦାସ, ପ୍ରୀତିନନ୍ଦା କାନୁନଗୋ, କମଳା ତିରିଆ, ଜିଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁନିଲ କୁମାର ନାୟକ, ଜିଲା ଯୁବ ସଭାପତି ଅରୁଣ ବରାଡ଼, ସମସ୍ତ ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ୱାର୍ଡ କାଉନସିଲର ଓ ମହିଳା ଯୁବ ଛାତ୍ର ନେତାଙ୍କ ସମେତ ଅନେକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ମନ୍ଦିରରୁ ଚୋରି, ଅଭିଯୁକ୍ତ ଗିରଫ

ସୋର, (ଜନ୍ମେଜୟ ମିଶ୍ର): ସୋର ଥାନା ଟେଣ୍ଟେଇ ପଞ୍ଚାୟତ ବରପଦା ଶାସନରୁ ବଳଦେବଜୀଉ ମନ୍ଦିର ମନ୍ଦିରରୁ ଚୋରି କରୁଥିବା ବେଳେ ଜଣେ ଦୁର୍ବୃତ୍ତଙ୍କୁ ଧରି ଗ୍ରାମବାସୀ ପୋଲିସକୁ ହସ୍ତାନ୍ତର କରିଛନ୍ତି। ମନ୍ଦିରରୁ ଚୋରି ହେଉଥିବା ଜାଣିପାରି ଗ୍ରାମବାସୀ ପହଞ୍ଚି ଯିବାରୁ କେତେଜଣ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଚୂଡାମଣି ଗ୍ରାମର ଅକ୍ଷୟ ମହାପାତ୍ରଙ୍କୁ ଗ୍ରାମବାସୀ କାବୁ କରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅକ୍ଷୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପୋଲିସ ମାମଲା(ନଂ. ୮୪୮/୨୪) ରୁଜୁ କରି ତାଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଔପଦା, ୯।୧୦(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ବଧି ଗ୍ରାମର ଆଦର୍ଶ ଶିକ୍ଷକ ଭାବେ ପରିଚିତ ଲକ୍ଷ୍ମୀକାନ୍ତ ପାଢ଼ୀ(୯୦)ଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ୱର୍ଗତ ପାଢ଼ୀ ଜଣେ ଉଚ୍ଚକୋଟୀର ଆଦର୍ଶ ଶିକ୍ଷକ ସହ ପ୍ରବୀଣ ରାଜନେତା ଭାବେ ପରିଚିତ ଥିଲେ। ସେ ଔପଦା ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ଶେଷରେ ଶିକ୍ଷା ନିରୀକ୍ଷକ ଭାବେ ପଦୋନ୍ନତି ପାଇଥିଲେ। ପରେ ଚାକିରିରୁ ଅବସର ନେଇ ୧୯୯୭ରୁ ୨୦୦୨ପର୍ଯ୍ୟନ୍ତ ବଡ଼ପୋଖରୀ ସରପଞ୍ଚ ପଦରେ ଥାଇ ଅଞ୍ଚଳବାସୀଙ୍କୁ ଉଚିତ୍ ସେବା ଯୋଗାଇ ଦେଇଥିଲେ। ସେ ସ୍ୱଷ୍ଟବାଦୀ ଥିବା ବେଳେ ଶେଷରେ ସୋର ବାଇନଣ୍ଡାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷ ପଦ ସହ ମୁଖ୍ୟ ପରାମର୍ଶଦାତା ଥିଲେ।

### ବାଲିଆପାଳ ବ୍ଲକର ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୯।୧୦

ବାଲିଆପାଳର ନୂତନ ବିଡିଓ ଭାବେ ପୁନମ ରାଉତ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭିନ୍ନ ଦଳର ନେତୃମଣ୍ଡଳୀ, ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ବ୍ଲକ କର୍ମଚାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ନୂଆ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂତନ ବିଡିଓ ରାଉତ ବାଲିଆପାଳ ବିକାଶ ଓ ଲୋକଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି।

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବାଲିଆପାଳ, ୯।୧୦(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଇଡ଼ିଦା ପଞ୍ଚାୟତ ମଛଦା ଗ୍ରାମର ଗୁନାଧର ଜେନାଙ୍କ ସ୍ତ୍ରୀ ଗେହ୍ଲାମଣି ଜେନା(୬୧) ବୁଧବାର ଘର ନିକଟସ୍ଥ ପଳପଳା ନଦୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ନଦୀସ୍ରୋତରେ ଭାସିଯାଇଥିଲେ। ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ନଦୀର ଅନତି ଦୂରରେ ପକ୍କା ପୋଲ ତଳେ ଅଟକିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ହସ୍ପିଟାଲକୁ ନେଇଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ମାମଲା (ନଂ. ୩୫/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ତାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ବେଆଇନ ବାଲି ଚାଲାଣ: ଜେସିବି ଓ ଡମ୍ପର ଜବତ

ବାଲିଆପାଳ, ୯।୧୦(ଗୋପାଳ ଚନ୍ଦ୍ର ସାହୁ)

ସୁବର୍ଣ୍ଣରେଖା ବେଳାଭୂମିରୁ ଚୋରା ଚାଲାଣକାରୀଙ୍କ ଅବାଧରେ ବାଲି ଚାଲାଣ କରି ମାଲେମାଲ ହେଉଛନ୍ତି। କେତେବେଳେ ଦେଶୀ ଡଙ୍ଗା ତ କେତେବେଳେ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚଢ଼ାଦରରେ ବିକ୍ରି କରୁଛନ୍ତି। ବୁଧବାର ବାଲିଆପାଳ ବ୍ଲକ ଅଧୀନ ଛୋଟଖାନପୁର ଗ୍ରାମ ନଦୀ ଅବବାହିକାରୁ ନାରାୟଣ ଜେନା ନାମକ ବ୍ୟକ୍ତି ଜେସିବି ଦ୍ୱାରା ବାଲିଉତ୍ତୋଳନ କରି ଡମ୍ପର(ନଂ.ଓଆର୍୧୫ଏସ୍-୬୮୬୮) ଯୋଗେ ଚାଲାଣ କରୁଥିବା ବେଳେ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ ପହଞ୍ଚି ଗୋଟିଏ ଜେସିବି ଓ ଗୋଟିଏ ଡମ୍ପରକୁ ଜବତ କରିଛନ୍ତି। ଗାଡ଼ିକୁ ଥାନାକୁ ଆଣି ଏକ ମାମଲା (ନଂ. ୨୨୨/୨୪) ରୁଜୁ କରାଯାଇଛି।

# ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ବିଧାୟକ

■ ବଳରାମଗଡି ମାଛଧରା ପୋତାଶ୍ରୟ
■ ବ୍ୟୟ ଅଟକଳ ୬୯.୦୮ କୋଟି

ବାଲେଶ୍ୱର, ୯।୧୦(ବାଞ୍ଛାନିଧି ଦେ)


ପୋତାଶ୍ରୟ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ବିଧାୟକ ଓ ବିଭାଗୀୟ ଅଧିକାରୀ।

ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ପ୍ରାୟ ୧୦ବର୍ଷର ଅଚଳାବସ୍ଥା ପରେ ସମ୍ପ୍ରତି ଚାନ୍ଦିପୁରସ୍ଥିତ ବଳରାମଗଡିଠାରେ ବୃହତ ମାଛଧରା ପୋତାଶ୍ରୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକ ମାନସ କୁମାର ଦତ୍ତ ବଳରାମଗଡିଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାର ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ଗୁଣବତ୍ତା ରକ୍ଷା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସାମୁଦ୍ରିକ ମାଛ ବ୍ୟବସାୟ ପାଇଁ ବଳରାମଗଡି ମାଛଧରା ପୋତାଶ୍ରୟର ଗୁରୁତ୍ୱ ରହିଛି। ହଜାର ହଜାର ମତ୍ସ୍ୟଜୀବୀ ଓ ବ୍ୟବସାୟୀ ଏହା ଉପରେ ନିର୍ଭରଶୀଳ। ଏହି ପ୍ରକଳ୍ପ ଦ୍ୱାରା ବାଲେଶ୍ୱର ଅର୍ଥନୀତିର ବିକାଶ ହେବ। ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ବିଧାୟକଙ୍କୁ ପ୍ରକଳ୍ପ କାର୍ଯ୍ୟକାରିତାର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ।

ସୂଚନା ଯେ, ୬୯.୦୮ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣାଧୀନ ବଳରାମଗଡ଼ି ମତ୍ସ୍ୟଧରା ପୋତାଶ୍ରୟ ପାଇଁ ୫୫.୦୧ ଏକର ଜମି ଆବଣ୍ଟିତ ହୋଇଛି। ସମ୍ପ୍ରତି ୧୭.୧୧ ଏକର ଜମିରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗତ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ପୋତାଶ୍ରୟର ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୫ ସେପ୍ଟେମ୍ବରରେ ସମ୍ପୂର୍ଣ୍ଣ ହେବା ଲକ୍ଷ୍ୟ ରହିଛି। ୩୨୭ ମେଟ୍ରିକ ଟନ୍‌ରୁ ଏବେ ସୁଦ୍ଧା ୧୦୦ମେଟ୍ରିକ ଟନ ଜେଟି ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପୋତାଶ୍ରୟ ସୀମା ପାଚେରି ନିର୍ମାଣ ସରିଛି। ଭୁବନେଶ୍ୱରସ୍ଥିତ ମତ୍ସ୍ୟ ବିଭାଗର ଇଞ୍ଜିନିୟରିଂ ଡିଭିଜନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟକୁ ଚେନ୍ନାଇସ୍ଥିତ ଆଇଆଇଟିର ଦୁଇ ଜଣ ଇଞ୍ଜିନିୟର ତଦାରଖ କରୁଛନ୍ତି। ଅନୁଧ୍ୟାନ ବେଳେ ବିଧାୟକଙ୍କ ସହ ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ପର୍ଶୁରାମ ବେହେରା, ଅନନ୍ତ ନାୟକ, ମନ୍ମଥ ଦାସ, ସୌଭାଗ୍ୟ ମାନସ ନାୟକ, ପବନ କମିଲା, ବିକାଶ ମାଇତି, ସୁରେଶ ମାଝୀ, ଅମିତ ମାଇତି, ଦେବଦତ୍ତ ମଣ୍ଡଳ, ସେଖ ସଦାମ, ସୁଦାମ ବେହେରା, ଶମ୍ଭୁନାଥ ନାୟକ, ବାବୁଲା ଦାସ, ସେଖ ଇରସାଦ ଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କବାଡ଼ି ଟୁର୍ଣ୍ଣାମେଣ୍ଟ: ବଡ଼ାଶ ବିଜୟୀ


ବିଧାୟିକା ସୁବାସିନୀ ଜେନା ଉଦ୍‌ବୋଧନ ଦେଉଛନ୍ତି।

କାଳିପଦା, ୯।୧୦(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଅଧୀନ କାଉମାରୀ ମହୋତ୍ସବ ପଡ଼ିଆଠାରେ ନବମାତୃକା ପୂଜା ଉତ୍ସବ ପରିପ୍ରେକ୍ଷୀରେ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ବଡ଼ାଶ ଦଳ ଏବଂ ପାକମୁଣ୍ଡି ଦଳ ମଧ୍ୟରେ ଉଦ୍‌ଘାଟନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ାଶ ଦଳ ବିଜୟୀ ହୋଇଥିଲେ। ଲତାଯୋଡି ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ପ୍ରିୟବ୍ରତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ସମିତିସଦସ୍ୟ ପ୍ରଦୀପ ଚନ୍ଦ୍ର ସାମନ୍ତରାୟ, ମହେଶ୍ୱର ପରିଡା, ଗଙ୍ଗାଧର ପଡ଼ିଆରୀ, ପ୍ରମଥ ପଡ଼ିଆରୀ, ଅଞ୍ଜନ ବେହେରା, ଅକ୍ଷୟ ସାମନ୍ତରାୟ, ଅଭୟ ସାମନ୍ତରାୟ, ଗ୍ରାମ୍ୟ ମୁଖ୍ୟ ଅନାଦି କୁମାର ପଣ୍ଡା, ପଦ୍ମଲୋଚନ ବିଶ୍ୱାଳ, ଗୌରାଙ୍ଗ ପ୍ରଧାନ, ନିରଞ୍ଜନ ଅଣ୍ଡିଆ, କୀର୍ତ୍ତିଚନ୍ଦ୍ର ମହାନ୍ତି, ଗୌରାଙ୍ଗ ମାଝି, ଶଶୀଧର ମାଝି ଓ ହେମନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଶିକ୍ଷକ କାର୍ତ୍ତିକ ଭଞ୍ଜ ଏବଂ ହେମନ୍ତ ପରିଡା ମ୍ୟାଚ୍‌କୁ ପରିଚାଳନା କରିଥିଲେ।

# ଖଡ଼ିକାଠିରେ ନିର୍ମିତ ତୋରଣ



ସୋର, ୯।୧୦(ଜନ୍ମେଜୟ ମିଶ୍ର)

ଦୁର୍ଗାପୂଜା ନେଇ ଚଳଚଞ୍ଚଳ ହୋଇପଡିଛି ସାରା ରାଜ୍ୟ। ବିଭିନ୍ନ ପୂଜା ମଣ୍ଡପରେ ମେଢ଼ ଓ ମୂର୍ତ୍ତୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ମେଢ ଓ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ କରାଯାଇଛି। ସୋର ମ୍ୟୁନିସିପାଲିଟି ଓ ବିଭିନ୍ନ ପଞ୍ଚାୟତରେ ମୋଟ ୨୫ଟି ପୂଜାମଣ୍ଡପରେ ଦୂର୍ଗାପୂଜା ହେଉଥିବା ଜଣାପଡିଛି। ସୋର ଥାନା ଛକ ସାର୍ବଜନୀନ ଦୁର୍ଗା ପୂଜା କମିଟି ତରଫରୁ ନିର୍ମାଣାଧୀନ ଦୁର୍ଗା ମୂର୍ତ୍ତୀ ଓ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ଏଠାରେ ମେଢ଼, ତୋରଣ ଓ ମୂର୍ତ୍ତି ବଙ୍ଗୀୟ ଶିଳ୍ପୀଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଖଡ଼ିକାଠି, ଟେରାକୋଟା, ଖଜୁରୀପିଞ୍ଛ, ମାଟିରେ ନିର୍ମିତ ଫୁଲ ଚଇତିଘୋଡ଼ା, ହାତୀ ଓ ମାଟିରେ ତିଆରି ଦୀପ ମୂର୍ତ୍ତୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି କମିଟି ଦୀର୍ଘ ୨୧ ବର୍ଷ ଧରି ପୂଜା କରିଆସୁଛି। ପୂଜା କମିଟି ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ ଲଟେରି ଉଠାଣ କରାଯାଇ ଆକର୍ଷଣୀୟ ସ୍ୱଚ୍ଛତା ଭାବେ ପୁରସ୍କାର ବଣ୍ଟନ ହୋଇଛି। ପୂଜା କମିଟି ସଭାପତି ଭାବେ ଶିଶିର କୁମାର ଦାସ ଓ ସମ୍ପାଦକ ଭାବେ ପ୍ରଫୁଲ୍ଲ ପାତ୍ର ଓ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ଦୀର୍ଘଦିନ ଧରି ପୂଜା ହୋଇଆସୁଛି।

# 'ଫକୀରମୋହନ ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉ'

■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଏମ୍‌ପି
■ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍‌ପିଟାଲ ମାନ୍ୟତା ଦାବି

ବାଲେଶ୍ୱର, ୯।୧୦(ବାଞ୍ଛାନିଧି ଦେ)


ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନାରତ ଏମ୍‌ପି।

ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରିବା, କଲେଜରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍‌ପିଟାଲର ମାନ୍ୟତା ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଲୋଚନା କରିଛନ୍ତି। ଏଥିସହ ସମସ୍ତ ତଥ୍ୟଭିତ୍ତିକ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବାଲେଶ୍ୱର ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗଙ୍କ ସହ ଏମ୍‌ପି ଷଡ଼ଙ୍ଗୀ ସାକ୍ଷାତ କରି ଦାବି ଉପସ୍ଥାପନ କରିଛନ୍ତି। ବାଲେଶ୍ୱର ମେଡିକାଲ କଲେଜ ଉପରେ ବାଲେଶ୍ୱର, ପଡ଼ୋଶୀ ଭଦ୍ରକ ଓ ମୟୂରଭଞ୍ଜ ଜିଲା ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଜିଲାର ଲୋକେ ନିର୍ଭରଶୀଳ। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି କଲେଜରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ଏଥିସହ ସମସ୍ତ ବିଭାଗକୁ ସ୍ଥାନାନ୍ତରିତ କରି ଫକୀରମୋହନ ମେଡିକାଲ କଲେଜକୁ ସ୍ୱୟଂସମ୍ପୂର୍ଣ୍ଣ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍‌ପିଟାଲର ମାନ୍ୟତା ଏବଂ ସମସ୍ତ ପ୍ରକାରର ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ଏମ୍‌ପିଙ୍କ ଦାବି ପ୍ରତି ରାଜ୍ୟ ସରକାର ସକରାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ।

# 'ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା'


ଅତିଥିଙ୍କ ଗହଣରେ କୃତୀ ଖେଳାଳି।

ସିମୁଳିଆ, ୯।୧୦(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଡିସ୍‌କସ୍ ଥ୍ରୋ, ରଗ୍‌ବୀ ଆଦି

### ବିଭିନ୍ନ ବିଦ୍ୟାଳୟରୁ ଭାଗ ନେଲେ ୩୬୦ ଖେଳାଳି

ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ୧୪ ଓ ୧୭ବର୍ଷରୁ କମ୍ ବିଭାଗରେ ସିମୁଳିଆ ବ୍ଲକର ସମସ୍ତ ବିଦ୍ୟାଳୟରୁ ୩୬୦ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ରୂପେ ବ୍ଲକ ଅଧକ୍ଷ ବାବାଜୀ ମଲିକ, ସ୍ଥାନୀୟ ସରପଞ୍ଚ କମଳାକାନ୍ତ ନାୟକ, ମାର୍କୋଣା ଅଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରମାକାନ୍ତ ପଣ୍ଡା, ଏବିଇଓ ଅଜୟ କୁମାର ପଣ୍ଡା, ବିଦ୍ୟାଧର ମହାଳିକ ଓ ରଘୁନାରାୟଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝି ପ୍ରମୁଖ ଥିଲେ । କ୍ରୀଡା ଶିକ୍ଷକ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସମୂହର କ୍ରୀଡ଼ା ସମ୍ପାଦକ ଚନ୍ଦ୍ରଶେଖର ବେହେରାଙ୍କ ସମେତ ପ୍ରିୟଙ୍କା ମିଶ୍ର, ବ୍ରଜମୋହନ ଦାଶ ଓ ଗୌରମୋହନ ସିଂ ସହଯୋଗୀ ଥିଲେ।

## ରୋଟାରୀ ଶାରଦୀୟ ସମ୍ମାନ ପୂଜା ମଣ୍ଡପ ପାଇଁ ନିଃଶୁଳ୍କ ପଞ୍ଜୀକରଣ ବ୍ୟବସ୍ଥା

ବାଲେଶ୍ୱର, ୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ରୋଟାରୀ କ୍ଲବ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଚଳିତବର୍ଷ ଦୁର୍ଗୋତ୍ସବରେ ପୂଜାମଣ୍ଡପ, ପୂଜା ପରିଚାଳନା ଓ ସାର୍ବଜନୀନକୁ ଦୃଷ୍ଟିରେ ରଖି 'ରୋଟାରୀ ଶାରଦୀୟ ସମ୍ମାନ' ଉତ୍ସବ ଆୟୋଜିତ ହେବାକୁ ଯାଉଛି। ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରେ ପ୍ରାୟ ୯୦ଟି ମଣ୍ଡପରେ ପୂଜା ଉତ୍ସବ ହେଉଛି। ଏକ ଅଭିଜ୍ଞ ବିଚାରକ ମଣ୍ଡଳୀ ଦ୍ୱାରା ମଣ୍ଡପଗୁଡ଼ିକ ପରିଦର୍ଶନ କରି ବିଭିନ୍ନ ଦିଗ ଯଥା ପୂଜା, ପାରମ୍ପରିକ ଓ ସାମାଜିକ ବାର୍ତ୍ତାକୁ ବିଚାରକୁ ନିଆଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏଭଳି ୯ଟି ପୁରସ୍କାର ଓ ଘରୋଇ ପୂଜା ମଧ୍ୟରୁ ୧ଟି ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ଇଚ୍ଛୁକ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ନିଃଶୁଳ୍କ ପଞ୍ଜିକରଣ କରିପାରିବେ। ବିଭିନ୍ନ ବିଭାଗରେ ମନୋନୀତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମଣ୍ଡପଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ ସହ ସମ୍ମାନିତ କରାଯିବ।

## ବିଦ୍ୟାଳୟ ସମୂହ ଦୌଡ଼କୁଦ, କ୍ରିକେଟ ପ୍ରତିଯୋଗିତା


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କରଞ୍ଜିଆ, ୯।୧୦(କବିତା ମହାନ୍ତ)

କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୩ ଦିନିଆ ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୨୬ଟି ବ୍ଲକରୁ ପ୍ରାୟ ୧୧୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଚ୍ଚଡିଆଁ, ଲମ୍ବଡିଆଁ, ଶଟପୁଟ,ଜାଭେଲିନ ଥ୍ରୋ ସମେତ କ୍ରିକେଟ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ସର୍ବଶ୍ରେଷ୍ଠ ଖେଳାଳି ଚୟନ କରାଯିବା ସହିତ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବାକୁ ଛାତ୍ରୀଛାତ୍ରୀଙ୍କୁ ମନୋନୟନ କରାଯାଇଥିଲା। କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସାଙ୍ଗଠନିକ ସମ୍ପାଦକ ଚତୁର୍ଭୁଜ ବାରିକଙ୍କ ସଂଯୋଜନାରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସଭାପତିତ୍ୱରେ ୭ ତାରିଖରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ କରଞ୍ଜିଆ ଏନ୍‌ଏସିର ଅଧକ୍ଷା ପପି ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିମିଳିପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗ୍ୟବାନ ମହାନ୍ତ, ଶାରୀରିକ ଶିକ୍ଷା ସଂଘର ସଭାପତି ସୁଧାରଞ୍ଜନ ମହାକୁଡ଼ ଯୋଗଦେଇ କ୍ରୀଡାର ଆବଶ୍ୟକତାଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସଂଯୁକ୍ତା ଭୂୟାଁ ସ୍ୱାଗତ ଭାଷଣ ଓ ପ୍ରଧାନ ଶିକ୍ଷକ ବାରିକ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟକୁ ଆସୁନାହାନ୍ତି ବିଜ୍ଞାନ ଶିକ୍ଷୟିତ୍ରୀ

ଖଇରା, ୯।୧୦(ଉତ୍କଳବନ୍ଧୁ ପଣ୍ଡା)

### ଡେପୁଟେଶନ ବାତିଲର ୩ ମାସ ବିତିଲା


ପଳାସପୁର ହାଇସ୍କୁଲ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳାସପୁର ହାଇସ୍କଲରେ ନିଯୁକ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ରେମୁଣାର ଏକ ବିଦ୍ୟାଳୟକୁ ଡେପୁଟେଶନରେ ଯାଇଥିଲେ। ସେହିଦିନଠାରୁ ପଳାସପୁର ହାଇସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ପଦବୀ ଖାଲିପଡିଛି। ବହୁ ଦାବି ପରେ ଡେପୁଟେଶନ ବାତିଲ ହୋଇସାରିଥିଲେ ହେଁ ଏ ଯାବତ ବିଦ୍ୟାଳୟରେ ଯୋଗଦାନ କରୁ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ଦୁର୍ଗାପୂଜା ଛୁଟି ଖୋଲିବା ବେଳକୁ ଶିକ୍ଷକ ବ୍ୟବସ୍ଥା କରା ନ ଯାଏ ତେବେ ଅଭିଭାବକ, ଛାତ୍ରୀଛାତ୍ର ଅନଶନରେ ବସିବେ ବୋଲି ପୁରାତନ ଛାତ୍ର ପରିଷଦ ସଭାପତି ଅନନ୍ତ ପ୍ରସାଦ ବାରିକ, ପ୍ରଫୁଲ୍ଲ ଖଣ୍ଡା, ସରୋଜ ମହାକୁଡ, ଅଜିତ ରାଉତ, ମୃତ୍ୟୁଞ୍ଜୟ ଜେନା ଓ ବିଦ୍ୟାଧର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ପୂର୍ଣ୍ଣିତୋୟା ପଣ୍ଡା ୨୦୧୦ ଜୁଲାଇ ୨୩ ତାରିଖରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିଥିଲେ। ପିଲାମାନଙ୍କ ପାଠପଢା କଥାକୁ ଗୁରୁତ୍ୱ ନ ଦେଇ ଶିକ୍ଷାବିଭାଗ ୨୦୧୬ ଏପ୍ରିଲ ୮ରେ ତାଙ୍କର ଡେପୁଟେଶନ ରେମୁଣାର ଶାସନବଡ ଯୁଜି ହାଇସ୍କୁଲକୁ କରିଦେଇଥିଲେ। ଦରମା ପଳାସପୁରରୁ ନେଉଥିବା ବେଳେ କାର୍ଯ୍ୟ ରେମୁଣାରେ କରୁଥିଲେ। ରେକର୍ଡରେ ପଳାସପୁରରେ ଶିକ୍ଷୟିତ୍ରୀ ଥିବାରୁ ପିଲାମାନଙ୍କର ପାଠପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଏ ବିଷୟରେ ବାରମ୍ବାର ଅଭିଯୋଗ ପରେ ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୧୫୭୫୯ ଅନୁସାରେ ୨୦୨୪ ଜୁଲାଇ ୨ତାରିଖରେ ତାଙ୍କର ଡେପୁଟେଶନ ବାତିଲ ହୋଇସାରିଥିଲେ ହେଁ ଏ ପର୍ଯ୍ୟନ୍ତ ସେ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି । ଯାହାକୁ ନେଇ ଅଭିଭାବକମାନେ ଜିଲା ଶିକ୍ଷାବିଭାଗର ସ୍ଥାଣୁତା ଉପରେ ପ୍ରଶ୍ନ ଉଠାଇଛନ୍ତି। ହୁଏତ ତାଙ୍କୁ ବିଦ୍ୟାଳୟକୁ ଆସିବା ଉପରେ ତାଗିଦ୍ କରାଯାଉ କିମ୍ବା ତାଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଉ । ଯାହାଫଳରେ ପିଲାମାନେ ବୋର୍ଡ ପରୀକ୍ଷା ପ୍ରସ୍ତୁତିରେ ଆଉ ବ୍ୟାଘାତ ସୃଷ୍ଟି ହେବ ନାହିଁ ବୋଲି ଆଲୁମିନି ସଭାପତି ଅନନ୍ତ ବାରିକ କହିଛନ୍ତି। ଏ ସମ୍ପର୍କରେ ଜିଲାଶିକ୍ଷା ଅଧିକାରିଣୀ ପ୍ରାଚୀତନୟା ଗିରିଙ୍କୁ ଯୋଗାଯୋଗ କରିବାରେ ଉକ୍ତ ଶିକ୍ଷୟିତ୍ରୀ ଜଣକ ୩ମାସ ହେଲା ଛୁଟିରେ ଅଛନ୍ତି । ଛୁଟି ଖୋଲିବା ମାତ୍ରେ ଖାଲି ପଡିଥିବା ବିଜ୍ଞାନ ଶିକ୍ଷୟିତ୍ରୀ ପଦବୀ ପୂରଣ ପାଇଁ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।

# ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ

ଗୋପବନ୍ଧୁ ନଗର,୯।୧୦
(ଶାନ୍ତନୁ କୁମାର ମଣ୍ଡୁଆଳ)



ଉପସ୍ଥିତ ଅତିଥି ଓ ପ୍ରେସ୍ କ୍ଲବର କାର୍ଯ୍ୟକର୍ତ୍ତାମାନେ।

ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ବୁଧବାର ପୁରୁଣା ବାରିପଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୭ତମ ଜୟନ୍ତୀ ତଥା ପ୍ରେସ୍ କ୍ଲବର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଗାଦତ୍ତ ବେହେରା, ମୁଖ୍ୟ ବକ୍ତା ଶିକ୍ଷକ ଉମ୍ବରୁଧର ରାଉତ ଓ ସମ୍ମାନିତ ଅତିଥି ପଞ୍ଚାୟତ କର୍ମଚାରୀ ହାଡିବନ୍ଧୁ ସିଂ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗେଶର ସାହୁ, ହୀରେନ ରାୟ, ଦୀପକ କୁମାର ଚୌଧୁରୀ, ବିଶ୍ୱଜିତ ଦାଶ, ସମ୍ବିତ ରାଉତ, ରଞ୍ଜନ କୁମାର ମଣ୍ଡୁଆଳ, ସୂର୍ଯ୍ୟକାନ୍ତି ପୂହାଣ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

